# ଡି.ଏ.ଭି ପବ୍ଲିକ ସ୍କୁଲସମୂହ, ଓଡ଼ିଶା

## ପ୍ରଥମ ସାମୟିକ ପରୀକ୍ଷା (୨୦୨୩ -୨୦୨୪ )

ଶ୍ରେଣୀ – ଅଷ୍ଟମ　　　　　　　　　　　　　　　　　　　　　　　　ପୂର୍ଣ୍ଣାଙ୍କ – ୪୦

ବିଷୟ – ଉଚ୍ଚତର ଓଡ଼ିଆ　　　　　　　　　　　　　　　　　　　　　　ସମୟ-୧ଘ : ୩୦ମି

**ସାଧାରଣ ନିର୍ଦ୍ଦେଶାବଳୀ**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବରେ ଲେଖ ।
- ଏହି ପ୍ରଶ୍ନପତ୍ରରେ (କ, ଖ, ଗ ଓ ଘ) ୪ଟି ବିଭାଗରେ ୦୭ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- 'କ' ବିଭାଗ : ପଠନ – ୦୫ ଅଙ୍କ
- 'ଖ' ବିଭାଗ : ଲିଖନ – ୦୫ ଅଙ୍କ
- 'ଗ' ବିଭାଗ : ବ୍ୟାକରଣ – ୧୦ ଅଙ୍କ
- 'ଘ' ବିଭାଗ : ସାହିତ୍ୟ – ୨୦ ଅଙ୍କ
- ପରୀକ୍ଷା ନିର୍ଘଣ୍ଟ ସମୟର ୧୦ ମିନିଟ୍ ପୂର୍ବ ସମୟ କେବଳ ପ୍ରଶ୍ନପତ୍ର ପଠନ ନିମନ୍ତେ ଉପଯୋଗ କରାଯିବ |
- ଉତ୍ତର ଲେଖିବା ପୂର୍ବରୁ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଉତ୍ତରଖାତାର ବାମ ପାର୍ଶ୍ୱରେ ଠିକ୍ ଭାବରେ ଲେଖାଯିବ |

## 'କ' ବିଭାଗ – ପଠନ (୫ଅଙ୍କ)

୧ . ନିମ୍ନପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ ।　　　　　　　　　　　　　　(୧x ୫=୫)

ଆଧୁନିକ ଶିକ୍ଷା ଓ ବିଜ୍ଞାନର ବିକାଶ ଫଳରେ ଯୁଗ ଯୁଗର ସାମାଜିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି ଏବଂ ତା' ସ୍ଥାନରେ ଗଢ଼ି ଉଠିଛି ଏକ ନୂତନ ସଂସ୍କୃତି । ଜୀବନ ଧାରଣର ମାର୍ଗ ଆଜି ଆଉ ରକ୍ଷଣଶୀଳ ସମାଜର ସଂକୀର୍ଣ୍ଣ ବିଚାରଧାରା ମଧ୍ୟରେ ସୀମିତ ହୋଇ ରହିନାହିଁ । ଶିକ୍ଷକ, ପ୍ରଶାସକ, ଆଇନଜୀବୀ, ଚିକିସକ, ବୈଜ୍ଞାନିକ, ବିଚାରକ, ଶିଳ୍ପୀ ଇତ୍ୟାଦି ହେବା ପାଇଁ ଶିକ୍ଷିତ ଯୁବକମାନଙ୍କ ଆଗରେ ଅନେକ ମାର୍ଗ ଉନ୍ମୁକ୍ତ ହୋଇ ରହିଛି । ପ୍ରତିଯୋଗିତାପୂର୍ଣ୍ଣ ସମାଜରେ ସମସ୍ତେ ଚାହାଁନ୍ତି ଏକ ଲୋଭନୀୟ ବୃତ୍ତିରେ ରହି ଜୀବନକୁ ସୁଖୀ ଓ ସମୃଦ୍ଧ କରିବା ପାଇଁ । ତେଣୁ କୌଳିକ ବୃତ୍ତିକୁ ଅବଜ୍ଞା କରି ତଥାକଥିତ ଆଭିଜାତିକ ବୃତ୍ତିର ଆକର୍ଷଣରେ ସମସ୍ତେ ଆଜି ଚଳଚଞ୍ଚଳ । ଏହି ପ୍ରତିଦ୍ୱନ୍ଦ୍ୱିତାରେ ଯେଉଁମାନେ ଉତ୍ତୀର୍ଣ୍ଣ ହୋଇଯାଉଛନ୍ତି, ସେମାନେ ବିଜୟ ମଣ୍ଡିତ ହୋଇ ନିଜକୁ ଭାଗ୍ୟବାନ୍ ବୋଲି ମନେ କରୁଛନ୍ତି । ଭାରତୀୟ ଶିକ୍ଷା ହେଉଛି ଏକ ଆଭିମୁଖ୍ୟ ବିହୀନ ଶିକ୍ଷା । ଛାତ୍ରଛାତ୍ରୀମାନଙ୍କ ରୁଚି ଓ ଶ୍ରଦ୍ଧାକୁ ବିଚାରକୁ ନ ନେଇ ସମସ୍ତଙ୍କୁ ସେହି ଗୋଟିଏ ପ୍ରକାର ଶିକ୍ଷା ଦିଆଯାଏ । ବିଶ୍ୱବିଦ୍ୟାଳୟ ଶିକ୍ଷା ପରିସମାପ୍ତି ପରେ ସେମାନେ ସମସ୍ତେ ସେହି ଗୋଟିଏ ଧାରାର ପ୍ରମାଣ ପତ୍ର ଧରି ଜୀବନର ବାସ୍ତବ କ୍ଷେତ୍ରକୁ ଓହ୍ଲାଇ ଆସନ୍ତି । ବୈଷୟିକ ଶିକ୍ଷା ଲାଭ କରି ନ ଥିବା ଛାତ୍ରଛାତ୍ରୀମାନେ ଭୟଙ୍କର ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ବୃତ୍ତିକୁ ନିର୍ବାଚନ କରି, ସେଥିପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ଆଧୁନିକ ସଭ୍ୟତା ହେଉଛି ବସ୍ତୁବାଦୀ ସଭ୍ୟତା । ଏହି ସଭ୍ୟତାରେ 'ଅର୍ଥ' ହିଁ ହେଉଛି ଜୀବନର ମାନଦଣ୍ଡ । ତେଣୁ କେତୋଟି ଅର୍ଥକରୀ ବୃତ୍ତି ପ୍ରତି ସମସ୍ତଙ୍କର ଆକର୍ଷଣ ବୃଦ୍ଧି ପାଉଛି ।

କ) ପ୍ରାଚୀନ ସାମାଜିକ ବ୍ୟବସ୍ଥା କାହିଁକି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ?

ଖ) ଆଜିକାଲି ଲୋକମାନେ କଅଣ ଚାହାଁନ୍ତି ?

ଗ) କେଉଁ ଶିକ୍ଷା ଲାଭ କରି ନ ଥିବା ଛାତ୍ରଛାତ୍ରୀମାନେ ଭୟଙ୍କର ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି ?

ଘ) କେଉଁ ଶିକ୍ଷାକୁ ଆଭିମୁଖ୍ୟ ବିହୀନ ଶିକ୍ଷା ବୋଲି କୁହାଯାଇଛି ?

ଙ) କେଉଁ ସଭ୍ୟତାରେ 'ଅର୍ଥ' ହେଉଛି ଜୀବନର ମାନଦଣ୍ଡ ?

## 'ଖ' ବିଭାଗ - ଲିଖନ (୫ଅଙ୍କ)

**୨) ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ଅନୁଚ୍ଛେଦଟିକୁ ଲେଖ |** (୫ X ୧=୫)

**'ବୃକ୍ଷଲତା ମନୁଷ୍ୟର ଶ୍ରେଷ୍ଠ ବନ୍ଧୁ'**

## 'ଗ' ବିଭାଗ – ବ୍ୟାକରଣ (୧୦ଅଙ୍କ)

**୩) ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।**

କ) i) **ସ୍ୱର ବର୍ଣ୍ଣର ସଂଖ୍ୟା କେତେ ?** (୧ x ୩ =୩ )

ii) **ନିମ୍ନଲିଖିତ ବର୍ଣ୍ଣ ଗୁଡ଼ିକ ମଧ୍ୟରୁ କେଉଁଟି ବ୍ୟଞ୍ଜନ ବର୍ଣ୍ଣ ଚିହ୍ନାଅ |**

**ଐ , ପ , ଆ**

iii) **ତାଲବ୍ୟ ବର୍ଗର ତୃତୀୟ ବର୍ଣ୍ଣଟି କ'ଣ ?**

ଖ) i) 'ଲେଖକ' ଶବ୍ଦର ସ୍ତ୍ରୀ ଲିଙ୍ଗ ରୂପ ଲେଖ | (୧ x ୩ =୩ )

ii) ନଦୀରେ ବକପଂକ୍ତି ମାଛ ଧରିବାକୁ ଚାହିଁ ରହିଛନ୍ତି - ରେଖାଙ୍କିତ ପଦଟି କେଉଁ ବଚନ ?

iii) **ଆପଣ** ଖେଳିବାକୁ ଯିବେ ? ରେଖାଙ୍କିତ ପଦଟି କେଉଁ ପୁରୁଷ ?

ଗ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ନିର୍ଦ୍ଦେଶାନୁଯାୟୀ ରୂପ ପରିବର୍ତ୍ତନ କର | (୧ x ୪ =୪)

i) 'ନଦୀ' ଶବ୍ଦର ତଦ୍ଭବ ଶବ୍ଦ ______

ii) 'ଘିଅ' ଶବ୍ଦର ତତ୍ସମ ଶବ୍ଦ______

iii) 'କାଷ୍ଠ' ଶବ୍ଦର ତଦ୍ଭବ ଶବ୍ଦ______

iv) 'ଚାନ୍ଦ' ଶବ୍ଦର ତତ୍ସମ ଶବ୍ଦ______

## 'ଘ' ବିଭାଗ – ସାହିତ୍ୟ (୨୦ଅଙ୍କ)

**୪) ସପ୍ରସଙ୍ଗ ସରଳାର୍ଥ ଲେଖ ।** (୫ x ୧ =୫ )

ମନ ବଚନ ଧନେ କରି
ଯେ ହୋଏ ପର ଉପକାରୀ
ଦିନ ହରନ୍ତି ଦୁଃଖ ସୁଖେ
ସେ ଧନ୍ୟ ଇହପର ଲୋକେ ।

**୫) ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।** (୨ x ୩ = ୬ )

କ) ଛୋଟପିଲାମାନେ କାହିଁକି ବୈଦ୍ୟଙ୍କୁ ଦେଖି ଡରୁଥିଲେ ?

ଖ) )ଶ୍ରୀକୃଷ୍ଣଙ୍କ ନାମ 'ଦାମୋଦର' ହୋଇଛି, ଏହାର କାରଣ କ'ଣ ?

ଗ) କଟା ଘା'ର ଚିକିତ୍ସା ବିଷୟରେ ସ୍ୱାସ୍ଥ୍ୟରକ୍ଷା ବହିରେ କ'ଣ ଲେଖାଥିଲା ?

**୬) ନିମ୍ନ ପ୍ରଶ୍ନଗୁଡ଼ିକ ପଢ଼ି ଠିକ୍ ଉତ୍ତରଟିକୁ ବାଛି ଲେଖ ।** **(୧ x ୪ = ୪)**

**କ)**'କନ୍ୟାଏ ଗଲେ ତୋଷ ହୋଇ'-ଏଠାରେ'କନ୍ୟାଏ'ଶବ୍ଦର ଅର୍ଥ କ'ଣ?

i) ଗୋପବାଳିକାମାନେ ii) ଗୋପାଳ ପୁଅମାନେ

iii) ରାଧାଙ୍କ ସଖୀମାନେ iv) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ।

**ଖ)** ରୋଗୀସେବା ବିଷୟଟି ଲେଖକଙ୍କ କେଉଁ ପୁସ୍ତକରୁ ସଂଗୃହୀତ ?

i) ଆମ ଗ୍ରହ ଉପଗ୍ରହ ii) ମିନିର ମନକଥା

iii) ଗାନ୍ଧି ମହାରାଜାଙ୍କ ଶିଷ୍ୟ iv) ଟମକକାଙ୍କ କୁଟୀର

**ଗ)** ଓଡ଼ିଆ ଭାଗବତର ରଚୟିତା କିଏ?

i) ଅଚ୍ୟୁତାନନ୍ଦ ଦାସ ii) ବଳରାମ ଦାସ

iii) ଜଗନ୍ନାଥ ଦାସ iv) ବନମାଳୀ ଦାସ

**ଘ)** ଆଚାର୍ଯ୍ୟ ମହାଶୟ କିଏ ଥିଲେ ?

i) ହରିହର ଦାସ ii) ଗୋପବନ୍ଧୁ ଦାସ

iii) ଅନନ୍ତ ଦାସ iv) ବଳରାମ ଆଚାର୍ଯ୍ୟ

**୭) ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ ।** **(୧ x ୫=୫)**

କ) ମାସିକ ଦରମା ରୂପେ ହରି ସିଂଙ୍କୁ କେତେ ଟଙ୍କା ମିଳୁଥିଲା ?

ଖ) ପୋଷ୍ଟ ମାଷ୍ଟର ବାବୁ କେତେବେଳେ ଇଂରାଜୀ ଖବର କାଗଜ ପଢୁଥିଲେ ?

ଗ) ହରି ସିଂ କେଉଁ ପୋଷ୍ଟ ଅଫିସରେ କାର୍ଯ୍ୟ କରୁଥିଲେ ?

ଘ) ହରି ସିଂଙ୍କୁ ପୋଷ୍ଟମାଷ୍ଟର ବାବୁ କାହିଁକି ଭଲ ପାଉଥିଲେ ?

ଙ) ହରି ସିଂଙ୍କ ଦେହ କାହିଁକି କଳାକାଠ ପଡ଼ିଯାଇଥିଲା ?

***